# NATIONAL NEWS BULLETIN (ODIA)

## 18 January - 2026

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ବୋଡ଼ୋ ଶାନ୍ତି ଚୁକ୍ତିନାମା ଯୋଗୁଁ ହଜାର ହଜାର ଯୁବକ ଅସ୍ତ୍ରଶସ୍ତ୍ର ଓ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି; କହିଲେ ପ୍ରଧାନମନ୍ତ୍ରୀ
- ୬ ହଜାର ୯୫୦ କୋଟି ଟଙ୍କା ସମ୍ବଳିତ କାଜିରଙ୍ଗା ଏଲିଭେଟେଡ୍ କରିଡର ପ୍ରକଳ୍ପର ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ
- ହସ୍ତଶିଳ୍ପ ଏବଂ ହସ୍ତକଳା କାରିଗରଙ୍କ ପାଇଁ ଉତ୍କୃଷ୍ଟ ମଞ୍ଚ ଯୋଗାଇଦେବା ଉଦ୍ଦେଶ୍ୟରେ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହାଟ
- 'ପୃଥିବୀରୁ କକ୍ଷପଥ ପର୍ଯ୍ୟନ୍ତ– ଏକତ୍ର ମହାକାଶ ଅନୁସନ୍ଧନ' ଶୀର୍ଷକ ଭର୍ଚୁଆଲ ରିଏଲିଟି ଥିଏଟର'ର ଉଦ୍‌ଘାଟନ କଲେ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ୟୁପି ୱାରିୟର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ

# ପିଏମ୍– ଗୁଆହାଟୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଶାନ୍ତି ଚୁକ୍ତିନାମା' ବୋଡ଼ୋ ସମ୍ପ୍ରଦାୟକୁ ଲାଭାନ୍ୱିତ କରିଛି ଏବଂ ହଜାର ହଜାର ଯୁବକ ଅସ୍ତ୍ରଶସ୍ତ୍ର ଓ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ଗତକାଲି ସନ୍ଧ୍ୟାରେ ଗୁଆହାଟୀର ଅର୍ଜୁନ ଭୋଗେଶ୍ୱର ବରୁଆ କ୍ରୀଡ଼ା କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ବାଗୁରୁମ୍ବା ଦୋଉ–୨୦୨୬ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ବୋଡ଼ୋ ସମ୍ପ୍ରଦାୟର ୧୦ ହଜାରରୁ ଅଧିକ କଳାକାର ବାଗୁରୁମ୍ବା ନୃତ୍ୟ ପ୍ରଦର୍ଶନ କରିଥିଲେ।

ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, କେନ୍ଦ୍ର ସରକାରଙ୍କ ଦେଢ଼ ହଜାର କୋଟି ଟଙ୍କାର ପ୍ୟାକେଜ ଦ୍ୱାରା ସମର୍ଥିତ ଶାନ୍ତି ଚୁକ୍ତିନାମା ପରଠାରୁ ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ କ୍ଷେତ୍ରରେ ଅଭୂତପୂର୍ବ ବିକାଶ ଘଟିଛି। ସେ କହିଥିଲେ, ବିଜେପି ନେତୃତ୍ୱାଧୀନ ସରକାର' ରାଜ୍ୟର ସମସ୍ତ ସଂସ୍କୃତି ଏବଂ ପରମ୍ପରାକୁ ସମ୍ମାନ କରେ ଏବଂ ତାଙ୍କ ସରକାର ରାଜ୍ୟ ପାଇଁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିଛି।

ଦୁଇ ଦିନିଆ ଆସାମ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ଆଜି ସକାଳ ପ୍ରାୟ ୧୧ ଟାରେ ନାଗାଓଁ ଜିଲ୍ଲାର କାଲିଆବୋରରେ ୬ ହଜାର ୯୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କାଜିରଙ୍ଗା ଏଲିଭେଟେଡ୍ କରିଡର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।

ଏହି ଉନ୍ନତ ବନ୍ୟପ୍ରାଣୀ କରିଡର ବନ୍ୟପ୍ରାଣୀମାନଙ୍କ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବା ସହ ମନୁଷ୍ୟ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷ ଦୂର କରିବ। ଏହାଦ୍ୱାରା ସଡ଼କ ସୁରକ୍ଷା ବୃଦ୍ଧି ହେବା ସହ ଯାତ୍ରା ସମୟ ହ୍ରାସ ପାଇବ ଏବଂ ବର୍ଦ୍ଧିତ ଯାତ୍ରୀ ଓ ମାଲ ପରିବହନ ସୁଗମ ହୋଇପାରିବ। ପ୍ରଧାନମନ୍ତ୍ରୀ ଆଜି ୨ଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ’ କାମାକ୍ଷା-ରୋହତକ୍ ଅମୃତ ଭାରତ ଏକ୍ସପ୍ରେସ୍ ଏବଂ ଦିବ୍ରୁଗଡ଼-ଗୋମତୀ ନଗର ଅମୃତ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀ ତାଙ୍କର ଆସାମ ଗସ୍ତ ଶେଷ କରିବା ପୂର୍ବରୁ କାଲିଆବୋରରେ ଏକ ସାଧାରଣ ସଭାକୁ ମଧ୍ୟ ସମ୍ବୋଧନ କରିବେ।

# କମନୱେଲ୍‌ଥ ଭିଜିଟ୍

୪୦ଟି ରାଜ୍ୟଗୋଷ୍ଠୀ ରାଷ୍ଟ୍ରର ୧୨୦ ଜଣିଆ ସଂସଦୀୟ ପ୍ରତିନିଧି ଦଳ ଦୁଇ ଦିନିଆ ଗସ୍ତରେ ଆସି ଜୟପୁରରେ ପହଞ୍ଚିଛନ୍ତି। ପ୍ରତିନିଧିମାନଙ୍କୁ ପ୍ରତୀକାତ୍ମକ ଆମେର ଦୁର୍ଗଠାରେ ପାରମ୍ପରିକ ଢଙ୍ଗରେ ରାଜସ୍ଥାନୀ ସ୍ୱାଗତ

କରାଯାଇଥିଲା। ସେହି ଦୁର୍ଗର ମହାନ ସ୍ଥାପତ୍ୟ, ସାଂସ୍କୃତିକ ପ୍ରଦର୍ଶନ ଏବଂ ଲୋକ ସଂଗୀତ ପରିଦର୍ଶକମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା।

ପ୍ରତିନିଧିମଣ୍ଡଳକୁ ଦୁର୍ଗର ରାଜପୁତ ଯୁଗର ଇତିହାସ ବିଷୟରେ ସୂଚନା ଦିଆଯାଇଥିଲା ଏବଂ ଦିୱାନ-ଏ-ଆମ, ଦିୱାନ-ଏ-ଖାସ, ଗଣେଶ ପୋଲ, ଶୀଶ ମହଲ ଏବଂ ମାନ ସିଂହ ପ୍ୟାଲେସ ସମ୍ପର୍କରେ ଅବଗତ କରାଯାଇଥିଲା। ଅତିଥିମାନେ ଭାରତର ସାଂସ୍କୃତିକ ଐତିହ୍ୟର ପ୍ରତୀକଭାବେ ଆମେର୍‌କୁ ପ୍ରଶଂସା କରିଥିଲେ।

ରାଜ୍ୟଗୋଷ୍ଠୀ ରାଷ୍ଟ୍ରଗୁଡ଼ିକର ବାଚସ୍ପତି, ସଦସ୍ୟ ଏବଂ ବରିଷ୍ଠ ସଂସଦୀୟ ଅଧିକାରୀମାନଙ୍କୁ ନେଇ ଗଠିତ ପ୍ରତିନିଧିମଣ୍ଡଳକୁ ରାଜସ୍ଥାନ ବିଧାନସଭା ବାଚସ୍ପତି ବାସୁଦେବ ଦେବନାନୀ ଜୟପୁର ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ସମ୍ପୃକ୍ତ ପ୍ରତିନିଧିମାନେ ଜୟପୁର ସହରର ଅନ୍ୟାନ୍ୟ ଐତିହାସିକ ଏବଂ ସାଂସ୍କୃତିକ ସ୍ଥାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## କମନଓ୍ୱେଲ୍‌ଥ ଭିଜିଟ୍

୪୦ଟି ରାଜ୍ୟଗୋଷ୍ଠୀ ରାଷ୍ଟ୍ରର ୧୨୦ ଜଣିଆ ସଂସଦୀୟ ପ୍ରତିନିଧି ଦଳ ଦୁଇ ଦିନିଆ ଗସ୍ତରେ ଆସି ଜୟପୁରରେ ପହଞ୍ଚିଛନ୍ତି। ପ୍ରତିନିଧିମାନଙ୍କୁ ପ୍ରତୀକାତ୍ମକ ଆମେର ଦୁର୍ଗଠାରେ ପାରମ୍ପରିକ ଢଙ୍ଗରେ ରାଜସ୍ଥାନୀ ସ୍ୱାଗତ

କରାଯାଇଥିଲା । ସେହି ଦୁର୍ଗର ମହାନ ସ୍ଥାପତ୍ୟ, ସାଂସ୍କୃତିକ ପ୍ରଦର୍ଶନ ଏବଂ ଲୋକ ସଂଗୀତ ପରିଦର୍ଶକମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା ।

ପ୍ରତିନିଧିମଣ୍ଡଳକୁ ଦୁର୍ଗର ରାଜପୁତ ଯୁଗର ଇତିହାସ ବିଷୟରେ ସୂଚନା ଦିଆଯାଇଥିଲା ଏବଂ ଦିୱାନ-ଏ-ଆମ, ଦିୱାନ-ଏ-ଖାସ, ଗଣେଶ ପୋଲ, ଶୀଶ ମହଲ ଏବଂ ମାନ ସିଂହ ପ୍ୟାଲେସ ସମ୍ପର୍କରେ ଅବଗତ କରାଯାଇଥିଲା । ଅତିଥିମାନେ ଭାରତର ସାଂସ୍କୃତିକ ଐତିହ୍ୟର ପ୍ରତୀକଭାବେ ଆମେର୍‌କୁ ପ୍ରଶଂସା କରିଥିଲେ ।

ରାଜ୍ୟଗୋଷ୍ଠୀ ରାଷ୍ଟ୍ରଗୁଡ଼ିକର ବାଚସ୍ପତି, ସଦସ୍ୟ ଏବଂ ବରିଷ୍ଠ ସଂସଦୀୟ ଅଧିକାରୀମାନଙ୍କୁ ନେଇ ଗଠିତ ପ୍ରତିନିଧିମଣ୍ଡଳକୁ ରାଜସ୍ଥାନ ବିଧାନସଭା ବାଚସ୍ପତି ବାସୁଦେବ ଦେବନାନୀ ଜୟପୁର ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱାଗତ କରିଥିଲେ । ସମ୍ପୃକ୍ତ ପ୍ରତିନିଧିମାନେ ଜୟପୁର ସହରର ଅନ୍ୟାନ୍ୟ ଐତିହାସିକ ଏବଂ ସାଂସ୍କୃତିକ ସ୍ଥାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ବିଶ୍ୱକର୍ମା ହାଟ

ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହାଟ ୨୦୨୬ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅଧୀନରେ ଆୟୋଜିତ ହେଉଥିବା ଏହି ପ୍ରଦର୍ଶନୀ ହସ୍ତଶିଳ୍ପୀ ଏବଂ ହସ୍ତକଳା କାରିଗରଙ୍କ ପାଇଁ ଏକ ମଞ୍ଚ ପ୍ରଦାନ କରିବ ବୋଲି ସରକାର କହିଛନ୍ତି । ଅଣୁ, କ୍ଷୁଦ୍ର ଏବଂ

ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଞ୍ଝୀ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ । ଦେଶର ପାରମ୍ପରିକ କାରିଗରୀ ଶିଳ୍ପକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଏଭଳି ହାଟର ଆୟୋଜନ କରାଯାଇଛି ।

ହସ୍ତଶିଳ୍ପ ଏବଂ ହସ୍ତକଳା କାରିଗରଙ୍କର ଉତ୍ପାଦଗୁଡ଼ିକୁ ଜାତୀୟ ଏବଂ ଆନ୍ତର୍ଜାତିକ କ୍ରେତା, ଅନ୍ୟାନ୍ୟ ଅଂଶିଦାର ଓ ସାଧାରଣ ଜନତାଙ୍କ ନିକଟରେ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଏହା ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ହେବ । ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ୧୧୭ରୁ ଅଧିକ କାରିଗର ଏଥିରେ ଅଂଶଗ୍ରହଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀଙ୍କ ପାଇଁ ବଜାର ପ୍ରବେଶକୁ ଅଧିକ ବ୍ୟାପକ କରିବା ତଥା ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଜଣାପଡ଼ିଛି । ଏହି ପ୍ରଦର୍ଶନୀ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ।

# ପିଏମ୍-ବିଶ୍ୱକର୍ମା ହାଟ

ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହାଟ ୨୦୨୬ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅଧୀନରେ ଆୟୋଜିତ ହେଉଥିବା ଏହି ପ୍ରଦର୍ଶନୀ ହସ୍ତଶିଳ୍ପୀ ଏବଂ ହସ୍ତକଳା କାରିଗରଙ୍କ ପାଇଁ ଏକ ମଞ୍ଚ ପ୍ରଦାନ କରିବ ବୋଲି ସରକାର କହିଛନ୍ତି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଞ୍ଝୀ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ

କରିବେ । ଦେଶର ପାରମ୍ପରିକ କାରିଗରୀ ଶିଳ୍ପକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଏଭଳି ହାଟର ଆୟୋଜନ କରାଯାଇଛି ।

ହସ୍ତଶିଳ୍ପ ଏବଂ ହସ୍ତକଳା କାରିଗରଙ୍କର ଉତ୍ପାଦଗୁଡ଼ିକୁ ଜାତୀୟ ଏବଂ ଆନ୍ତର୍ଜାତିକ କ୍ରେତା, ଅନ୍ୟାନ୍ୟ ଅଂଶିଦାର ଓ ସାଧାରଣ ଜନତାଙ୍କ ନିକଟରେ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଏହା ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ହେବ । ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ୧୧୭ରୁ ଅଧିକ କାରିଗର ଏଥିରେ ଅଂଶଗ୍ରହଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀଙ୍କ ପାଇଁ ବଜାର ପ୍ରବେଶକୁ ଅଧିକ ବ୍ୟାପକ କରିବା ତଥା ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଜଣାପଡ଼ିଛି । ଏହି ପ୍ରଦର୍ଶନୀ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ।

## ଶୁକ୍ଲା

ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ନୂଆଦିଲ୍ଲୀରେ ଗତକାଲି 'ପୃଥିବୀରୁ କକ୍ଷପଥ ପର୍ଯ୍ୟନ୍ତ : ଏକତ୍ର ମହାକାଶ ଅନୁସନ୍ଧାନ ଶୀର୍ଷକ' ଭର୍ଚୁଆଲ୍ ରିଏଲିଟି ଥିଏଟର ଏବଂ ପ୍ୟାନେଲ୍ ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି ।

କାର୍ଯ୍ୟକ୍ରମରେ ଶ୍ରୀ ଶୁକ୍ଲା ଆକ୍ସିଅମ୍-୪ ମିଶନରେ ଅଂଶଗ୍ରହଣ କରିବାର ତାଙ୍କର ଅଭିଜ୍ଞତା ସମ୍ପର୍କରେ କହିବା ସହ ମହାକାଶରେ ଜୀବନ ଏବଂ କାର୍ଯ୍ୟ, ମହାକାଶଚାରୀ ତାଲିମ ଏବଂ କକ୍ଷପଥ ମିଶନର ଆହ୍ୱାନ

ଗୁଡ଼ିକ ବିଷୟରେ ବିସ୍ତୃତଭାବେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୪୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଶ୍ରୀ ଶୁକ୍ଳା କହିଥିଲେ, ଯୁବ ମନ ମହାକାଶ ଅନୁସନ୍ଧାନର ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମାନବ ମହାକାଶ ଉଡ଼ାଣ, ଅନ୍ତର୍ଜାତୀୟ ମିଶନ ଏବଂ ବିଶ୍ୱବ୍ୟାପୀ ବୈଜ୍ଞାନିକ ସହଯୋଗରେ ଭାରତର ଭୂମିକାକୁ ଉନ୍ମୋଚିତ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ପୀୟୁଷ ଗୋଏଲ୍

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କାନାଡ଼ାର ବ୍ରିଟିଶ କଲମ୍ବିଆର ପ୍ରିମିୟର ଡେଭିଡ୍ ଏବି'ଙ୍କ ସହ ଭାରତ-କାନାଡା ଆର୍ଥିକ ସହଭାଗୀତାକୁ ମଜବୁତ କରିବା ବିଷୟରେ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ଉଭୟ ପକ୍ଷ ବାଣିଜ୍ୟ ଏବଂ ନିବେଶ ସହଯୋଗକୁ ଆଗକୁ ବଢାଇବା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଉତ୍ପାଦନ, ସ୍ୱଚ୍ଛ ଶକ୍ତି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ପ୍ରତିରକ୍ଷା ଏବଂ ନବସୃଜନ ଭଳି କ୍ଷେତ୍ରରେ ସହଯୋଗ ଓ ଅନୁସନ୍ଧାନ କରିବା ଉପରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଉଭୟ ଦେଶ ନୂତନ ସୁଯୋଗକୁ ଉନ୍ମୋଚନ କରିବା ଏବଂ ଉଭୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ଗଭୀର କରିବା ପାଇଁ ସହମତି ପ୍ରକାଶ ପାଇଛି।

# ନାଭି-ସିଙ୍ଗାପୁର

ଭାରତୀୟ ନୌସେନାର ପ୍ରଥମ ତାଲିମ୍ ସ୍କ୍ୱାଡ୍ରନ୍ ଆଇ.ଏନ୍.ଏସ୍. ତୀର୍, ଆଇ.ଏନ୍.ଏସ୍. ସାର୍ଦ୍ଦୁଳ, ଆଇ.ଏନ୍.ଏସ୍. ସୁଜାତା ଏବଂ ଭାରତୀୟ ତଟରକ୍ଷୀ ଜାହାଜ ସାରଥି ସିଙ୍ଗାପୁର ଚାଙ୍ଗି ନୌସେନା ଘାଟିରେ ପହଞ୍ଚିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଦକ୍ଷିଣ-ପୂର୍ବ ଭାରତ ମହାସାଗର କ୍ଷେତ୍ରରେ ତାଲିମ୍ ପ୍ରଦାନ ଲକ୍ଷ୍ୟ ନେଇ ଏହି ସ୍କ୍ୱାଡ୍ରନ୍ ସେଠାରେ ପହଞ୍ଚିଛି ।

ଭାରତୀୟ ନୌସେନା ଏବଂ ସିଙ୍ଗାପୁର ନୌସେନାର ଦକ୍ଷତା ବୃଦ୍ଧି ଏବଂ ଦ୍ୱିପାକ୍ଷିକ ସାମୁଦ୍ରିକ ସହଯୋଗ ବୃଦ୍ଧି ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତାଲିମ୍ ସମୟରେ ବିଭିନ୍ନ ପ୍ରକାର ପୋତାଶ୍ରୟ ଆଧାରିତ କାର୍ଯ୍ୟ ଏବଂ ବୃତ୍ତିଗତ ବ୍ୟବସ୍ଥା ସାମିଲ କରାଯିବ । ସିଙ୍ଗାପୁରରେ ଭାରତର ଉଚ୍ଚାୟୁକ୍ତ ଡକ୍ଟର ସିଲପକ୍ ଆମ୍ବୁଲେ ସ୍କ୍ୱାଡ୍ରନ୍‌ର ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଛନ୍ତି । ସିଙ୍ଗାପୁର ନୌସେନା ସହିତ ସମ୍ପର୍କ ବୃଦ୍ଧି ଏବଂ ସହଭାଗିତା ଆଲୋଚନା ଏହି ଗସ୍ତର ଅନ୍ୟତମ ଉଦ୍ଦେଶ୍ୟ । ସାମୁଦ୍ରିକ କ୍ଷେତ୍ରରେ ପାରସ୍ପରିକ ସୁରକ୍ଷା ଏବଂ ଅଭିବୃଦ୍ଧି ତଥା ସାମଗ୍ରୀକ ଉନ୍ନତି କ୍ଷେତ୍ରରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

# ଟ୍ରମ୍ପ୍-ଗାଜା ବୋର୍ଡ୍ ଅଫ୍ ପିସ୍

ଗାଜା ସଂଘର୍ଷ ପରିସମାପ୍ତି କରିବା ଲକ୍ଷ୍ୟ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ନୂତନ ଶାନ୍ତି ବୋର୍ଡ୍ ଗଠନ କରିଛନ୍ତି । ଶ୍ରୀ ଟ୍ରମ୍ପ୍‌ଙ୍କ ୨୦ସୂତ୍ରୀ ଶାନ୍ତି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବା ଲକ୍ଷ୍ୟ ନେଇ ଏହି ବୋର୍ଡ୍ ଗଠନ କରାଯାଇଥିବା ଜଣାପଡ଼ିଛି । ଶ୍ରୀ ଟ୍ରମ୍ପ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ବୋର୍ଡ଼୍‌ରେ ପ୍ରମୁଖ ସଦସ୍ୟଙ୍କ ମଧ୍ୟରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର୍, ଟ୍ରମ୍ପ୍‌ଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ଓ୍ୱେଟ୍‌କଫ୍, ବିଶ୍ୱବ୍ୟାଙ୍କ୍ ସଭାପତି ଅଜୟ ବଙ୍ଗା, ଟ୍ରମ୍ପ୍‌ଙ୍କ ଜ୍ୱାଇଁ ଜାରେଡ୍ କୁସନର୍, ଆପୋଲୋ ଗ୍ଲୋବାଲ୍ ମ୍ୟାନେଜ୍‌ମେଣ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମାର୍କ ରୋଓ୍ୱାନ୍ ଏବଂ ଅମେରିକାର ଉପଜାତୀୟ ସୁରକ୍ଷା ପରାମର୍ଶଦାତା ରବର୍ଟ୍ ଗାବ୍ରିଏଲ୍ ପ୍ରମୁଖ ଅଛନ୍ତି ।

ଗାଜାରେ ଶାସନ ବ୍ୟବସ୍ଥା, ଆଞ୍ଚଳିକ ସହଯୋଗ, ପୁନଃ ନିର୍ମାଣ, ପାଣ୍ଠି ନିବେଶ ଏବଂ ଦୀର୍ଘମିଆଦୀ ସ୍ଥିରତା ଉପରେ ଏହି ବୋର୍ଡ଼ କାର୍ଯ୍ୟ କରିବ ବୋଲି କୁହାଯାଇଛି । ଶ୍ରୀ ଟ୍ରମ୍ପ୍‌ଙ୍କ ବରିଷ୍ଠ ପରାମର୍ଶଦାତା ଆରୈହ୍ୟ

ଲାଇଟ୍‌ଷ୍ଟୋନ୍ ଏବଂ ଜୋସ୍ ଗ୍ରୁଏନ୍‌ବାଉମ୍ ବୋର୍ଡ୍‌ର ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀ ନେଇ ସହଯୋଗ ପ୍ରଦାନ କରିବେ ।

ଅନ୍ୟ ପକ୍ଷରେ ଇସ୍ରାଏଲ୍ ଏବଂ ହମାସ୍ ଗାଜାରେ ଯୁଦ୍ଧ ବିରତି ଉଲ୍ଲଙ୍ଘନ ନେଇ ପରସ୍ପର ବିରୁଦ୍ଧରେ ଅଭିଯୋଗ କରିଛନ୍ତି । ଯୁଦ୍ଧ ବିରତି ଉଲ୍ଲଙ୍ଘନ ଅବସରରେ ୪୫୦ରୁ ଅଧିକ ପାଲେନ୍‌ଷ୍ଟାଇନ୍ ଏବଂ ୩ ଜଣ ଇସ୍ରାଏଲ୍ ସୈନିକଙ୍କ ମୃତ୍ୟୁ ହୋଇଥିବା ଏକ ରିପୋର୍ଟ୍‌ରେ କୁହାଯାଇଛି । ଗତ ୨୦୨୩ ଅକ୍ଟୋବର ମାସଠାରୁ ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣ ଦ୍ୱାରା ବହୁ ଲୋକ ପ୍ରାଣ ହରାଇବା ସହ ଅନେକ ବିସ୍ଥାପିତ ହୋଇଛନ୍ତି ।

## ମହିଳା ପ୍ରିମିୟର ଲିଗ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ୟୁପି ୱାରିୟର୍ସ ୨୨ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ଡକ୍ଟର ଡି.ୱାଇ ପାଟିଲ କ୍ରୀଡ଼ା ଏକାଡେମୀରେ ଅନୁଷ୍ଠିତ ମ୍ୟାଚ୍‌ରେ ୧୮୮ ରନର ବିଜୟଲକ୍ଷକୁ ପିଛା କରି' ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ ବିନିମୟରେ ୧୬୫ ରନ୍ କରିବାକୁ ସମର୍ଥ ହୋଇଥିଲା । ପ୍ରଥମ ବ୍ୟାଟିଂ କରି ୟୁପି ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ଓ୍ୱିକେଟ ହରାଇ ୧୮୭ ରନ କରିଥିଲା ।

ଅନ୍ୟ ଏକ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୮ଓ୍ୱିକେଟ୍‌ରେ  ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୧୬୬ ରନ ସ୍କୋର କରିଥିଲା । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮ ଓଭର ୨ଟି ବଲ୍‌ରେ ୨ ଓ୍ୱିକେଟ୍ ବିନିମୟରେ ୧୬୯ ରନ୍ ସ୍କୋର କରିଥିଲା ।

## ଅଣ୍ଡର-୧୯ ବିଶ୍ୱକପ୍

ଆଇସିସି ପୁରୁଷ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ପ୍ରତିଯୋଗିତାର ଗ୍ରୁପ୍-ଏ’ ପର୍ଯ୍ୟାୟର ସପ୍ତମ ମ୍ୟାଚ୍‌ରେ ଭାରତ ୧୮ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି ପ୍ରଥମେ ବ୍ୟାଟିଂ କରି ଭାରତ ୪୮ ଓଭରରେ ୪ଟି ବଲ୍‌ରେ ୨୩୮ ରନ୍ କରିଥିବା ବେଳେ ବର୍ଷା ଯୋଗୁଁ ବାଂଲାଦେଶ ପାଇଁ ୧୬୫ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତେବେ ବାଂଲାଦେଶ ୨୮ ଓଭର ୩ ବଲ୍‌ରେ ୧୪୬ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଗ୍ରୁପ୍-ସି’ର ଅଷ୍ଟମ ମ୍ୟାଚ୍‌ରେ ଶ୍ରୀଲଙ୍କା ୨୦୩ ରନ୍‌ରେ ଜାପାନକୁ ପରାସ୍ତ କରିଛି । ଶ୍ରୀଲଙ୍କା ୫୦ ଓଭରରେ ୪ ଓ୍ୱିକେଟ୍ ବିନିମୟରେ ୩୮୭

ରନ୍ କରିଥିବା ବେଳେ ଜାପାନ୍ ସମାନ ସଂଖ୍ୟକ ଓଭରରେ ୮ ୱିକେଟ୍ ବିନିମୟରେ ୧୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଆଜି ଗ୍ରୁପ୍-ଡି'ରେ ୱେଷ୍ଟଇଣ୍ଡିଜ୍ ଏବଂ ଆଫଗାନିସ୍ତାନ, ଗ୍ରୁପ୍-ସି'ରେ ଇଂଲଣ୍ଡ ଏବଂ ଜିମ୍ବାୱେ ଏବଂ ଗ୍ରୁପ୍-ଏ'ରେ ନ୍ୟୁଜିଲାଣ୍ଡ ଓ ଆମେରିକା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।